ଦୈନିକ ତ୍ରୈଭାଷିକ : ସତ୍ୟ, ନିର୍ଭୀକ ଓ ନିରପେକ୍ଷ

ବିଶ୍ୱବାଣୀ

BISWABANI

RNI No. ODIMUL/2007/20116

Postal regd.No. BN / 162 / 16-18

VISIT THE BISWABANI TRI-LANGUAGE DAILY IN

THE WEBSITE

CLICK ON

WWW.BISWABANI.COM

Vol No.20 Issue No.202 Bhubaneswar 10 September Thursday 2026 Rs. 2.00, 08 Page ଭୁବନେଶ୍ୱର ଗୁରୁବାର ୧୦ ସେପ୍ଟେମ୍ବର ୨୦୨୬ ମୂଲ୍ୟ ୨ଟଙ୍କା ପୃଷ୍ଠା-୦୮

ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ସଜେଇ ହେଉଛି ଦିଲ୍ଲୀ

୩ ଦିନ ବନ୍ଦ ରହିବ କୋର୍ଟ ଓ ସରକାରୀ କାର୍ଯ୍ୟାଳୟ

ନୂଆଦିଲ୍ଲୀ: ଆସନ୍ତା ୧୧ରୁ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ୧୮ଶ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଭାଜଧାନୀରେ ପ୍ରସ୍ତୁତି ଜୋରଦାର ହୋଇଛି । ବିଭିନ୍ନ ରାସ୍ତା, ପ୍ରମୁଖ ସ୍ଥାନ ଓ ଛକଗୁଡ଼ିକୁ ପୋଷ୍ଟର, ବିଲ୍ଡ ଓ ଆଲୋକରେ ସଜାଯାଇଛି । ଏଥିପାଇଁ



ଦିଲ୍ଲୀର ଅନେକ ଅଞ୍ଚଳ ଏବେ ଉତ୍ସବମୁଖର ଦେଖାଯାଉଛି । ଚଳିତବର୍ଷ ସମ୍ମିଳନୀର ମୁଖ୍ୟ ବିଷୟ ରହିଛି 'ଦିଲ୍ଲୀ ଫର ରେଜିଲିଏନ୍ସ, ଇନୋଭେସନ୍, କୋଅପରେସନ୍ ଆଣ୍ଡ ସଷ୍ଟେନେ ବିଲିଟି' । ସମ୍ମିଳନୀରେ ବ୍ରିକ୍ସସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ରାଷ୍ଟ୍ରମୁଖ୍ୟ, ବରିଷ୍ଠ ପ୍ରତିନିଧି ଓ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନେ ଯୋଗଦେବେ । ବିଦେଶୀ ଅତିଥିଙ୍କ ଯାତାୟାତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ମୟୂରଭଞ୍ଜର ଯୁବପିଢ଼ିଙ୍କ ପାଇଁ ଖୋଲିବ ନୂଆ ଦିଗନ୍ତ

MSCB ବିଶ୍ୱବିଦ୍ୟାଳୟ ଓ ଚାମ୍ବର ଅଫ୍ କମର୍ସ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ



ବାରିପଦା, ୯।୯(ବିପ୍ର) : ମୟୂରଭଞ୍ଜ ଜିଲ୍ଲାରେ ଯୁବ ପ୍ରତିଭାଙ୍କ ବିକାଶ, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥାନୀୟ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଲକ୍ଷ୍ୟରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏବଂ ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ମହେନ୍ଦ୍ର କୁମାର ମହାନ୍ତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କମର୍ସର ସଭାପତି ରୋଟାରିଆନ୍ ନିରୋଜ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଚୁକ୍ତି ସମ୍ପାଦିତ ହୋଇଥିଲା । ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ଶ୍ରୀମତୀ ସୁମିତା ସିଂହ ଏବଂ ଚାମ୍ବର ପକ୍ଷରୁ ସମ୍ପାଦକ ଇଂ. ସୌମ୍ୟରଞ୍ଜନ ମିଶ୍ର ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନଙ୍କୁ କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଶିଳ୍ପ ଭିତ୍ତିକ ଇଣ୍ଟର୍ଣ୍ଣସିପ୍, ଆପ୍ରେଣ୍ଟିସିପ୍ ଏବଂ ପ୍ରତ୍ୟକ୍ଷ ଶିଳ୍ପ ତାଲିମ ପ୍ରଦାନ କରାଯିବ । ଏହାସହ କ୍ୟାମ୍ପସ ନିଯୁକ୍ତି ଏବଂ ପୁଲ୍ ଡ୍ରାଇଭ୍ ମାଧ୍ୟମରେ ଚାକିରି ସୁଯୋଗ ସୃଷ୍ଟି କରାଯିବ । ଜିଲ୍ଲାରେ ନୂତନ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏଣ୍ଟରପ୍ରିନିଓରସିପ୍ ଡେଭଲପମେଣ୍ଟ ସେଲ୍, ମେଣ୍ଟରିଂ, ପୁଞ୍ଜିନିବେଶକାରୀଙ୍କ ସହ ସିଧାସଳଖ ଆଲୋଚନା ଏବଂ ପାଣ୍ଠି ସଂଗ୍ରହରେ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ । ଶିଳ୍ପ ପ୍ରାୟୋଜିତ ମିଳିତ ଗବେଷଣା, ପ୍ରୋଟୋଟାଇପିଂ, ପେଟେଣ୍ଟ ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତରକୁ ପ୍ରାଥମିକତା ମିଳିବ । ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଅନୁଯାୟୀ ପ୍ରସ୍ତୁତ ଏହି ସହଭାଗିତା ମୟୂରଭଞ୍ଜରେ ଏକ ଶିଳ୍ପ-ସଂଯୁକ୍ତ ତଥା ଉଦ୍ଭାବନ-ଆଧାରିତ ପରିବେଶ ସୃଷ୍ଟି କରି ଜିଲ୍ଲାର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି ।

ପ୍ରଗତିବାଦୀ
PRAGATIVADI
September 10, 2026
Page no:15
epaper.pragativadi.com

ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତା ସୁଦୃଢ଼ କରିବାକୁ ପ୍ରୟାଶ



■ ବାରିପବା,ତା ୯।୯ (ପିଏନଏସ)

ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ସହ ମୟୂରଭଞ୍ଜର ଯୁବପିଢ଼ିଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମୟୂରଭଞ୍ଜ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏମସିସିଆଇ) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ପତ୍ର କୁଳପତି ପ୍ରଫେସର ଡ଼. ମହେନ୍ଦ୍ର କୁମାର ମହାନ୍ତିଙ୍କ ପ୍ରକୋଷ୍ଠରେ ସ୍ୱାକ୍ଷରିତ ହୋଇଛି। ମୟୂରଭଞ୍ଜ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ରୋଟାରିଆନ ନିରୋଜ କୁମାର ପଣ୍ଡା ତଥା ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀଙ୍କ ଉସ୍ଥିତିରେ ଚାମ୍ବର ପକ୍ଷରୁ ସମ୍ପାଦକ ଇଂ. ସୌମ୍ୟରଞ୍ଜନ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସୁମିତା ସିଂହ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ପତ୍ର ମାଧ୍ୟମରେ ମିଳିତ ତଥା ଶିଳ୍ପ-ପ୍ରାୟୋଜିତ ଗବେଷଣା, ପ୍ରତ୍ୟକ୍ଷ ଶିଳ୍ପ ପ୍ରକଳ୍ପ, ପ୍ରୋଟୋଟାଇଫି, ପେଟେଣ୍ଟ, ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦିଆଯିବା ସହିତ ସମ୍ପୃକ୍ତ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ବିଷୟରେ ସଚେତନତା ସୃଷ୍ଟି କରି ଜାତୀୟ ଶିକ୍ଷାନୀତି ୨୦୨୦ ସହିତ ତାଳ ଦେଇ, ଅନୁଭୂତିଭିତ୍ତିକ ଶିକ୍ଷା, ନିଯୁକ୍ତି ଯୋଗ୍ୟତା, ଉଦ୍ଭାବନ ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖା ଯାଇଛି।

ନିଯୁକ୍ତି, ଷ୍ଟାର୍ଟଅପ୍ ଓ ଗବେଷଣାକୁ ମିଳିବ ପ୍ରୋତ୍ସାହନ



ବାରିପଦା, ୯।୯(ଆପ୍ର): ମୟୂରଭଞ୍ଜରେ ଯୁବପିଢ଼ିଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି, ଷ୍ଟାର୍ଟଅପ୍, ଉଦ୍ୟୋଗୀତା ଓ ଗବେଷଣାମୂଳକ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି।

ଚାମ୍ବର ଅଫ୍ କମର୍ସ ଓ ଏମ୍ଏସ୍ସିବି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍ଓୟୁ

ମଙ୍ଗଳବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡକ୍ଟର) ମହେନ୍ଦ୍ର କୁମାର ମହାନ୍ତିଙ୍କ ପ୍ରକୋଷ୍ଠରେ ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ଚାମ୍ବର ଅଫ୍ କମର୍ସ ପକ୍ଷରୁ ସମ୍ପାଦକ ଇଂ. ସୌମ୍ୟରଞ୍ଜନ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସୁମିତା ସିଂହ ଏଥିରେ ସ୍ୱାକ୍ଷର କରିଥିଲେ। ଏହି ସମୟରେ ଚାମ୍ବର ସଭାପତି ରୋଟାରିଆନ୍ ନିରୋଜ କୁମାର ପଣ୍ଡାଙ୍କ ସମେତ ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

ଏହି ଭାଗିଦାରି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ଣ୍ଣସିପ୍, ଆପ୍ରେଣ୍ଟିସିପ୍, ଶିଳ୍ପ ତାଲିମ, ଗବେଷଣା ଇଣ୍ଟର୍ଣ୍ଣସିପ୍, ପ୍ରକଳ୍ପଭିତ୍ତିକ ଶିକ୍ଷା ଓ କ୍ୟାମ୍ପସ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ଏଥିସହ ପୁଲ୍ ଡ୍ରାଇଭ୍ ଆୟୋଜନ କରାଯାଇ ପାଠ୍ୟକ୍ରମ ଓ ଶିଳ୍ପକ୍ଷେତ୍ରର ଆବଶ୍ୟକତା ମଧ୍ୟରେ ଥିବା ଦୂରତା କମାଇବା ଉପରେ ଗୁରୁତ୍ୱ ଦିଆଯିବ।

ଉଦ୍ୟୋଗୀ ବିକାଶ ସେଲ୍, ମେଣ୍ଟରିଂ, ଇନକ୍ୟୁବେସନ, ଉଦ୍ଭାବନ କାର୍ଯ୍ୟକ୍ରମ, ନିବେଶକାରୀଙ୍କ ସହ ଆଲୋଚନା, ବଜାର ସଂଯୋଗ ଓ ପାଣ୍ଠି ସଂଗ୍ରହ ଦିଗରେ ମଧ୍ୟ ମିଳିତ ପଦକ୍ଷେପ ନିଆଯିବ। ସେହିପରି ଶିଳ୍ପ-ପ୍ରାୟୋଜିତ ଗବେଷଣା, ଶିଳ୍ପ ପ୍ରକଳ୍ପ, ପ୍ରାଟାଟାଇପ୍ ପ୍ରସ୍ତୁତି, ପେଟେଣ୍ଟ, ପ୍ରଯୁକ୍ତି ହସ୍ତାନ୍ତର ଓ ବ୍ୟବସାୟୀକରଣକୁ ଏମ୍ଓୟୁ ମାଧ୍ୟମରେ ଆଗେଇ ନିଆଯିବ। ବିଭିନ୍ନ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ସମ୍ପର୍କରେ ଛାତ୍ରଛାତ୍ରୀ ଓ ଯୁବ ଉଦ୍ୟୋଗୀଙ୍କୁ ସଚେତନ କରାଯିବ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଅନୁଭୂତିଭିତ୍ତିକ ଶିକ୍ଷା, ନିଯୁକ୍ତି ଯୋଗ୍ୟତା, ଉଦ୍ଭାବନ ଓ ଉଦ୍ୟୋଗୀତାର ବିକାଶ ସହ ମୟୂରଭଞ୍ଜର ଅର୍ଥନୈତିକ ବିକାଶକୁ ଆଗେଇ ନେବାରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା ପ୍ରକାଶ ପାଇଛି।

THE SAKALA
Mayurbhanj - 10 Sep 2026 - Page 9

ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଓ ଏମ୍‌ଏସ୍‌ସିବି ବୁଝାମଣାପତ୍ର ସ୍ୱାକ୍ଷରିତ

ବାରିପଦା, ୯।୯(ସମିସ): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ସହ ମୟୂରଭଞ୍ଜର ଯୁବପିଢ଼ିଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟ ବାରିପଦା ମଧ୍ୟରେ ଏକ ବୁଝାମଣା ପତ୍ର କୁଳପତି ପ୍ରଫେସର ଡ ମହେନ୍ଦ୍ର କୁମାର ମହାନ୍ତିଙ୍କ ପ୍ରକୋଷ୍ଠରେ ସ୍ୱାକ୍ଷରିତ ହୋଇଛି। ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ର ସଭାପତି



ରୋଟାରିଆନ୍ ନିରୋଜ କୁମାର ପଣ୍ଡା ତଥା ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଚାମ୍ବର ପକ୍ଷରୁ ସମ୍ପାଦକ ଇଂ ସୌମ୍ୟରଞ୍ଜନ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସୁମିତା ସିଂହ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଇଣ୍ଟର୍ଣ୍ଣସିପ୍, ଆପ୍ରେଣ୍ଟିସିପ୍, ଶିଳ୍ପ ତାଲିମ, ଗବେଷଣା ଇଣ୍ଟର୍ଣ୍ଣସିପ୍, ପ୍ରକଳ୍ପଭିତ୍ତିକ ଶିକ୍ଷା, ଏବଂ କ୍ୟାମ୍ପସ ନିଯୁକ୍ତି, ପୁଲ୍ ଡ୍ରାଇଭ୍ ତଥା ପାଠ୍ୟକ୍ରମ ଏବଂ ଶିଳ୍ପକ୍ଷେତ୍ରର ଆବଶ୍ୟକତା ମଧ୍ୟରେ ଥିବା ଦୂରତାକୁ ଦୂର କରିବା ହେଉଛି ଏହି ଭାଗିଦାରୀତାର ଲକ୍ଷ୍ୟ; ଯେଉଁଥିରେ ଉଦ୍ୟୋଗୀ ବିକାଶ ସେଲ୍‌ଫ, ମେଣ୍ଟରିଂ, ଇନକ୍ୟୁବେସନ, ଉଦ୍ଭାବନ କାର୍ଯ୍ୟକ୍ରମ, ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା, ବଜାର ସଂଯୋଗୀକରଣ ଏବଂ ପାଣ୍ଠି ସଂଗ୍ରହ ସହାୟତା ଆଦି ମଧ୍ୟ ଅନ୍ତର୍ଭୁକ୍ତ। ଏହି ବୁଝାମଣା ପତ୍ର ମାଧ୍ୟମରେ ମିଳିତ ତଥା ଶିଳ୍ପ-ପ୍ରାୟୋଜିତ ଗବେଷଣା, ପ୍ରତ୍ୟକ୍ଷ ଶିଳ୍ପ ପ୍ରକଳ୍ପ, ପ୍ରୋଟୋଟାଇପିଂ, ପେଟେଣ୍ଟ, ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦିଆଯିବା ସହିତ ସମ୍ପୃକ୍ତ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ବିଷୟରେ ସଚେତନତା ସୃଷ୍ଟି କରି ଜାତୀୟ ଶିକ୍ଷାନୀତି ୨୦୨୦ ସହିତ ତାଳ ଦେଇ, ଅନୁଭୂତିଭିତ୍ତିକ ଶିକ୍ଷା, ନିଯୁକ୍ତି ଯୋଗ୍ୟତା, ଉଦ୍ଭାବନ ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖା ଯାଇଛି। ଏହି ସହଭାଗିତା ମୟୂରଭଞ୍ଜର ନିରନ୍ତର ଅର୍ଥନୈତିକ ବିକାଶ ପାଇଁ ଏକ ଛାତ୍ରକେନ୍ଦ୍ରିକ, ଶିଳ୍ପ-ସଂଯୁକ୍ତ ଏବଂ ଉଦ୍ଭାବନ-ଆଧାରିତ ପରିବେଶ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ମୟୂରଭଞ୍ଜରେ ନିଯୁକ୍ତି, ଷ୍ଟାର୍ଟଅପ୍‌କୁ ମିଳିବ ପ୍ରୋତ୍ସାହନ

ଚାମ୍ବର ଅଫ୍ କମର୍ସ ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା

ବାରିପଦା,୯/୯(ଇମିସ): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ସହ ମୟୂରଭଞ୍ଜର ଯୁବପିଢ଼ିଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ପ୍ରକୋଷ୍ଠରେ ସ୍ୱାକ୍ଷରିତ ହୋଇଛି। ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ରୋଟାରିଆନ୍ ନିରୋଜ କୁମାର ପଣ୍ଡା ତଥା ବିଶ୍ୱବିଦ୍ୟାଳୟର ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏମ୍‌ସିସିଆଇ ପକ୍ଷରୁ ସମ୍ପାଦକ ଇଂ. ସୌମ୍ୟରଞ୍ଜନ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସୁମିତା ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

ସୂଚନା ଅନୁସାରେ, ଇଣ୍ଟର୍ଣ୍ଣସିପ୍, ଆପ୍ରେଣ୍ଟିସିପ୍, ଶିଳ୍ପତାଲିମ, ଗବେଷଣା ଇଣ୍ଟର୍ଣ୍ଣସିପ୍, ପ୍ରକଳ୍ପଭିତ୍ତିକ ଶିକ୍ଷା ଏବଂ କ୍ୟାମ୍ପସ ନିଯୁକ୍ତି, ପୁଲ୍ ଡ୍ରାଇଭ୍ ତଥା ପାଠ୍ୟକ୍ରମ ଏବଂ ଶିଳ୍ପକ୍ଷେତ୍ରର ଆବଶ୍ୟକତା ମଧ୍ୟରେ ଥିବା ଦୂରତାକୁ ଦୂର କରିବା ହେଉଛି ଏହି ଭାଗିଦାରିତାର ଲକ୍ଷ୍ୟ; ଯେଉଁଥିରେ ଉଦ୍ୟୋଗୀ ବିକାଶ ସେଲ୍, ମେଣ୍ଟରିଂ, ଇନ୍‌କ୍ୟୁବେସନ୍, ଉଦ୍ଭାବନ, ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା, ବଜାର ସଂଯୋଗୀକରଣ ଏବଂ ପାଣ୍ଠିସଂଗ୍ରହ ସହାୟତା ଆଦି ମଧ୍ୟ ଅନ୍ତର୍ଭୁକ୍ତ। ଏହି ବୁଝାମଣା ମାଧ୍ୟମରେ ମିଳିତ ତଥା ଶିଳ୍ପ-ପ୍ରାୟୋଜିତ ଗବେଷଣା, ପ୍ରତ୍ୟକ୍ଷ ଶିଳ୍ପ ପ୍ରକଳ୍ପ, ପ୍ରୋଟୋଟାଇପିଂ, ପ୍ୟାଟେଣ୍ଟ, ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦିଆଯିବା ସହିତ ସମ୍ପୃକ୍ତ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ବିଷୟରେ



ସଚେତନତା ସୃଷ୍ଟିକରି ଜାତୀୟ ଶିକ୍ଷାନୀତି-୨୦୨୦ ସହିତ ତାଳଦେଇ, ଅନୁଭୂତିଭିତ୍ତିକ ଶିକ୍ଷା, ନିଯୁକ୍ତି ଯୋଗ୍ୟତା, ଉଦ୍ଭାବନ ଏବଂ ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ସହଭାଗିତା ମୟୂରଭଞ୍ଜର ନିରନ୍ତର ଅର୍ଥନୈତିକ ବିକାଶ ପାଇଁ ଏକ ଛାତ୍ରକୈନ୍ଦ୍ରିକ, ଶିଳ୍ପସଂଯୁକ୍ତ ଏବଂ ଉଦ୍ଭାବନ-ଆଧାରିତ ପରିବେଶ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି।